# ପ୍ରାୟ ସଂପୂର୍ଣ୍ଣ (Near Total ) Lock Down

କରୋନା ଭାଇରସ୍ ସାରା ବିଶ୍ୱ ପାଇଁ ଏକ ବହୁତ ବଡ ଆହ୍ୱାନ ସୃଷ୍ଟି କରିଛି। କେବଳ ସଚେତନତା ଦ୍ୱାରା ହିଁ ଏହାକୁ ରୋକାଯାଇ ପାରିବ। ତେଣୁ ଅନୁରୋଧ ଆପଣମାନେ ଘରେ ରୁହନ୍ତୁ। ଘରେ ରହିଲେ ଆପଣ ଓ ଆପଣଙ୍କ ପରିବାର ସୁରକ୍ଷିତ ରହିପାରିବେ। ଏ ଭାଇରସ୍‌କୁ ଆପଣଙ୍କ ଘରେ ପଶିବାକୁ ଦିଅନ୍ତୁ ନାହିଁ।

ଏହି ରୋଗର ସଂକ୍ରମଣ ରୋକିବା ପାଇଁ ଅନୁଗୋଳ ଜିଲ୍ଲାରେ **୨୨ ମାର୍ଚ୍ଚ ରବିବାର ସକାଳ ୭ଟା ରୁ ୨୯ ମାର୍ଚ୍ଚ ରାତି ୯ଟା ପର୍ଯ୍ୟନ୍ତ** ପ୍ରାୟ ସଂପୂର୍ଣ୍ଣ (Near Total ) Lock Down କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

ଏହି Lock Down ସମୟରେ କେବଳ ସଉଦା ଦୋକାନ, ପରିବା ଦୋକାନ, ମାଛ, ମାଂସ, ଅଣ୍ଡା, ଚିକେନ୍, ପେଟ୍ରୋଲ ପମ୍ପ ଏବଂ ମେଡିସିନ୍ ଦୋକାନ ଆଦି ଖୋଲା ରହିବ। ଅତ୍ୟାବଶ୍ୟକ ଦ୍ରବ୍ୟର wholesale market ମଧ୍ୟ ଖୋଲା ରହିବ। ଜିଲ୍ଲା ଭିତରେ ଚାଲୁଥିବା ସମସ୍ତ ଲୋକାଲ୍ ବସ୍, ଟାକ୍ସି ଓ ଅଟୋରିକ୍ସା ସେବା ବନ୍ଦ ରହିବ । କେବଳ ଜିଲ୍ଲା ଭିତରେ ଥିବା ହସ୍ପିଟାଲ୍, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଯାଉଥିବା ଗାଡ଼ିକୁ ଚାଲିବାକୁ ଅନୁମତି ଦିଆଯିବ ।

ସେହିପରି ଏସବୁ ଅଞ୍ଚଳରେ ଡାକ୍ତରଖାନା, ବ୍ୟାଙ୍କ, ATM, ମ୍ୟୁନିସ୍‌ପାଲଟି ସେବା, ପୋଲିସ, ଅଗ୍ନିଶମ ସେବା, ODRAF, ପାନୀୟ ଜଳ ଓ ବିଦ୍ୟୁତ ସେବା ଆଦି ଜରୁରୀ ସେବା ଜାରି ରହିବ। ପ୍ରଶାସନିକ କାର୍ଯ୍ୟାଳୟ ଗୁଡିକ ଯଥା ଜିଲ୍ଲାପାଳଙ୍କ ଅଫିସ୍, ଉପ-ଜିଲ୍ଲାପାଳଙ୍କ ଅଫିସ୍, ତହସିଲ୍ ଅଫିସ୍ ଓ ବ୍ଲକ ଅଫିସ୍ ମଧ୍ୟ ଖୋଲା ରହିବ।

କୌଣସି ଜାଗାରେ 7 ଜଣରୁ ଅଧିକ ଲୋକ ଏକତ୍ରିତ ହେବେ ନାହିଁ । କେବଳ ଅତ୍ୟାବଶ୍ୟକୀୟ ସାମଗ୍ରୀ (essential commodity) ସଂଗ୍ରହ ପାଇଁ ବାହାରକୁ ଯାଇପାରିବେ ।

କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ଜଣାଇ ଦିଆଯାଉଅଛିଯେ ଅତ୍ୟନ୍ତ ଆବଶ୍ୟକ ନଥିଲେ କୌଣସି ସରକାରୀ ଦପ୍ତର ବା ଦୋକାନ ବଜାରକୁ ଆସନ୍ତୁ ନାହିଁ । ଘରେ ରହି ନିଜେ ସୁରକ୍ଷିତ ରହିବା ସହ ନିଜ ପରିବାର ଓ ସମାଜକୁ କରୋନା ଭାଇରସ୍ ର ସଂକ୍ରମଣରୁ ରକ୍ଷା କରନ୍ତୁ ।

**ଜିଲ୍ଲା ପ୍ରଶାସନ, ଅନୁଗୋଳ**

----oooOooo----

Scanned with CamScanner